# NATIONAL NEWS BULLETIN (ODIA)

**19 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦୀପାବଳୀ ପର୍ବ ପାଇଁ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଦେଶବ୍ୟାପୀ ଶତାଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ।
- ଦୋହା ବୈଠକରେ ତୁରନ୍ତ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କଲେ ପାକିସ୍ତାନ ଓ ଆଫଗାନିସ୍ତାନ ।
- ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଲାଗି ଚାଲିଛି ପ୍ରାର୍ଥୀପତ୍ର ଦାଖଲ ।
- ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନୀତିକୁ ବିରୋଧ କରି ସମସ୍ତ ୫୦ଟି ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ।

ଏବଂ

- ଭାରତ-ଅଷ୍ଟ୍ରେଲିଆ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ।

## ଦିୱାଲି ଟ୍ରାଭେଲ ରସ୍

ଦୀପାବଳି ପର୍ବ ପାଇଁ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଦେଶବ୍ୟାପୀ ଶତାଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

ଉତ୍ତରପ୍ରଦେଶ ଏବଂ ବିହାରରେ ଅତ୍ୟଧିକ ଯାତ୍ରୀଭିଡ଼କୁ ଏଡାଇବା ପାଇଁ ବିଭିନ୍ନ ଲକ୍ଷ୍ୟସ୍ଥଳକୁ ଅନେକଗୁଡ଼ିଏ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ସେହିପରି ଚେନ୍ନାଇରେ ପ୍ରାୟ ୧୮ଲକ୍ଷ ଲୋକ ଚଳିତ ସପ୍ତାହରେ ନିଜନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବାକୁ ଥିବାରୁ ରେଳବାଇ ପକ୍ଷରୁ ଅନେକଗୁଡ଼ିଏ ଟ୍ରେନ୍‌ର ଯାତ୍ରା ପରିସର ବୃଦ୍ଧି କରାଯାଇଛି । ତାମିଲନାଡୁ ରାଜ୍ୟପରିବହନ ନିଗମ ପକ୍ଷରୁ ୨୦ହଜାର ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଛି । ଯେଉଁଗୁଡ଼ିକ ବିଭିନ୍ନ ରେଳଷ୍ଟେସନରୁ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ । ତେବେ ଏସବୁ କାର୍ଯ୍ୟର ତଦାରଖ ଲାଗି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀ ରେଳଷ୍ଟେସନ ପରିଦର୍ଶନ କରିଛନ୍ତି । ସେ କହିଛନ୍ତି ୭୫ହଜାର ପର୍ଯ୍ୟନ୍ତ ଯାତ୍ରୀଙ୍କୁ ପରିଚାଳନା କରିବା ନିମନ୍ତେ ଏହି ରେଳଷ୍ଟେସନର କ୍ଷମତା ବୃଦ୍ଧି କରାଯାଇଛି ।

## ଶ୍ରୀଲଙ୍କା ପିଏମ୍-ବିକଶିତ ଭାରତ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୁରିଆ କହିଛନ୍ତି ଦୁଇଦେଶ ମଧ୍ୟରେ ବାଣିଜ୍ୟ, ସାମୁଦ୍ରିକ ସୁରକ୍ଷା ଏବଂ ସମାବେଶୀ ଜୀବନଶୈଳୀର ବିକାଶ ଲାଗି ସହଯୋଗର ଆବଶ୍ୟକତା ରହିଛି । ଗତକାଲି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଶ୍ରୀଲଙ୍କା ମୁକ୍ତ ବାଣିଜ୍ୟ

ଚିନ୍ତାଧାରାକୁ ସମର୍ଥନ କରେ । ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି । ସେ କହିଛନ୍ତି ଶ୍ରୀଲଙ୍କାର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ।

## ଆଫଗାନ-ପାକ୍ ସିଜ୍‌ଫାୟାର

ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଦୋହାରେ ଅନୁଷ୍ଠିତ ବୁଝାମଣା ପରେ ତୁରନ୍ତ ଅସ୍ତ୍ରବିରତି ଲାଗି ସମ୍ମତି ପ୍ରକାଶ ପାଇଛି । ଗତକାଲି ଦୋହାରେ କତାର ଏବଂ ତୁର୍କୀର ମଧ୍ୟସ୍ଥତାରେ ଅନୁଷ୍ଠିତ ବୈଠକରେ ଉଭୟ ଦେଶ କିଛିଦିନ ଧରି ସୃଷ୍ଟି ହୋଇଥିବା ସଂଘର୍ଷମୟ ପରିସ୍ଥିତିକୁ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ । ୨୦୨୧ରେ ତାଲିବାନ ଶାସନ ପରେ ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଘଟିଥିବା ସଂଘର୍ଷ ସବୁଠାରୁ ଭୟଙ୍କର ଥିଲା । ଗତ ଶୁକ୍ରବାର ଦିନ ଆକ୍ରମଣରେ ସୀମା ନିକଟରେ ୭ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୩ଜଣ ଆହତ ହୋଇଥିଲେ । ପରେ ପାକିସ୍ତାନ ପକ୍ଷରୁ ୨ହଜାର ୬୦୦ କିଲୋମିଟର ସୀମାରେଖା ଅଞ୍ଚଳରେ ବିମାନ ଆକ୍ରମଣ କରାଯାଇଥିଲା । ଫଳରେ ଆଫଗାନିସ୍ତାନର ୧୭ଜଣ ନାଗରିକଙ୍କ ସମେତ ୩ଜଣ କ୍ରିକେଟ୍ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା ।

# ଜିତେନ୍ଦ୍ର-ନାଫିଥ୍ରୋମାଇସିନ୍

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଭାରତ ପ୍ରଥମ ସ୍ୱଦେଶୀ ଆବିଷ୍କୃତ ଆଣ୍ଟିବାୟୋଟିକ୍ ନାଫିଥ୍ରୋମାଇସିନ୍ ବିକଶିତ କରିଛି । ନୂଆଦିଲ୍ଲୀରେ ଏକ ଚିକିତ୍ସା କର୍ମଶାଳାକୁ ଉଦ୍‌ଘାଟନ କରି ଡକ୍ଟର ସିଂହ କହିଛନ୍ତି ଏହି ଆଣ୍ଟିବାୟୋଟିକ୍ ଶ୍ୱାସକ୍ରିୟା ସଂକ୍ରମଣ ବିରୁଦ୍ଧରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିବା ସହ ବିଶେଷକରି କର୍କଟ ରୋଗୀ ଏବଂ ମଧୁମେହ ରୋଗୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି । ସେ କହିଛନ୍ତି ଦେଶରେ ବିଜ୍ଞାନ ଏବଂ ଗବେଷଣା ଅଭିବୃଦ୍ଧିକୁ ଆହୁରି ଆଗକୁ ନେବାପାଇଁ ସ୍ୱତନ୍ତ୍ର ଇକୋ ସିଷ୍ଟମ ବିକାଶ କରିବାକୁ ପଡିବ ।

# ବିହାର ପୋଲ୍‌ସ

ବିହାର ବିଧାନସଭା ନିର୍ବାଚନ ଲାଗି ପ୍ରଥମପର୍ଯ୍ୟାୟ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ସରିଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ମହାଗଠବନ୍ଧନରେ ଦେଖାଦେଇଥିବା ବିବାଦ ବଢ଼ିବାରେ ଲାଗିଛି । ଆର୍‌ଜେଡି ନେତା ତଥା ମହାଗଠବନ୍ଧନ ନିର୍ବାଚନ ସହଯୋଗ କମିଟିର ଅଧ୍ୟକ୍ଷ ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ସମସ୍ୟାର ସମାଧାନ ଲାଗି କଂଗ୍ରେସ ଅନୁରୋଧ କରିଛି । ଏହି ମେଣ୍ଟ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦକୁ ଏପର୍ଯ୍ୟନ୍ତ ସିଟ୍ ଆବଣ୍ଟନ ନେଇ କୌଣସି ଘୋଷଣା କରାଯାଇନାହିଁ । ଫଳରେ ବିଭିନ୍ନ ବିଧାନସଭା ଆସନରେ କଂଗ୍ରେସ, ଆର୍‌ଜେଡି ଏବଂ

ବାମଦଳଗୁଡ଼ିକ ପ୍ରାର୍ଥୀ ଦେଇଛନ୍ତି । ଆସନ୍ତାମାସ ୬ ତାରିଖରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ମତଦାନ ହେବ ।

ଆର୍‌ଜେଡି ପକ୍ଷରୁ କୁଟୁମ୍ବା ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ରାଜେଶ ରାମ୍‌ଙ୍କ ବିରୋଧରେ ପ୍ରାର୍ଥୀ ଦିଆଯିବା ପରେ ଅଚଳାବସ୍ଥା ଉପୁଜିଛି । ଆସନ୍ତାମାସ ୧୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଆସନରେ ଭୋଟ୍‌ଗ୍ରହଣ କରାଯିବ ।

ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଗତ ସଂଧ୍ୟାରେ ୫ଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ ପାଇଛି । ଏଥିସହିତ ଦଳପକ୍ଷରୁ ମୋଟ୍ ୫୩ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇସାରିଛି । ଆର୍‌ଜେଡି ପକ୍ଷରୁ ପ୍ରାର୍ଥୀତାଲିକା ଘୋଷଣା କରାଯାଇନଥିଲେ ମଧ୍ୟ ପ୍ରାର୍ଥୀମାନଙ୍କୁ ଦଳୀୟ ଲୋଗୋ ପ୍ରଦାନ କରାଯାଇଛି । ସିପିଆଇ ପକ୍ଷରୁ ରୋଷେରା, ରାଜପକର ଏବଂ ବିହାର ସରିଫ ଆସନରେ କଂଗ୍ରେସ ବିରୋଧରେ ପ୍ରାର୍ଥୀ ଦିଆଯାଇଛି । ରାଜଗିରି ବିଧାନସଭା ଆସନରେ ସିପିଆଇ ଏମ୍‌ଏଲ୍ ପକ୍ଷରୁ କଂଗ୍ରେସ ମନୋନୀତ ପ୍ରାର୍ଥୀଙ୍କ ବିରୋଧରେ ପ୍ରାର୍ଥୀ ଘୋଷଣା କରାଯାଇଛି। ସେହିପରି ଅନ୍ୟକେତେକ ଆସନରେ ମଧ୍ୟ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପ୍ରାର୍ଥୀ ଦେଇଛନ୍ତି । ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତାକାଲି ଏହାର ଶେଷଦିନ ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା

ଆସନ ନିମନ୍ତେ ଆସନ୍ତା ନଭେମ୍ବର ୧୧ତାରିଖ ଦିନ ଭୋଟ୍‌ଗ୍ରହଣ ହେବ ।

## ୟୁଏସ୍‌ଏ-ନୋ କିଙ୍ଗ୍‌ସ ପ୍ରୋଟେଷ୍ଟ

ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିନିୟମକୁ ବିରୋଧ କରି ସମସ୍ତ ୫୦ଟି ରାଜ୍ୟରେ ଲୋକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଗଣମାଧ୍ୟମ ସୂଚନା ଅନୁଯାୟୀ ଆଟଲାଣ୍ଟା, ଲସ୍ ଆଞ୍ଜେଲ୍‌ସ ଏବଂ ନ୍ୟୁୟର୍କରେ ୨ହଜାର ୫୦୦ରୁ ଅଧିକ କାର୍ଯ୍ୟକ୍ରମ ଜରିଆରେ ଟ୍ରମ୍ପଙ୍କ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି । ଆମେରିକାର ଗଣତନ୍ତ୍ରକୁ ରକ୍ଷାକରିବା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ଶାସନକୁ ବିରୋଧ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିକ୍ଷୋଭକାରୀମାନେ କହିଛନ୍ତି ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବାଲାଗି ଅର୍ଥକାଟ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧ ନଷ୍ଟ କରିବା, ପ୍ରବାସନ ନୀତିକୁ କଠୋର କରିବା ଭଳି ପଦକ୍ଷେପକୁ ସେମାନେ ବିରୋଧ କରୁଛନ୍ତି ।

ଆମେରିକାରେ ଆର୍ଥିକ ସମସ୍ୟା ଯୋଗୁଁ ପ୍ରଶାସନ ଏକପ୍ରକାର ଅଚଳାବସ୍ଥାକୁ ଆସିଯାଇଥିବା ବେଳେ ବିକ୍ଷୋଭକାରୀମାନେ ଏଭଳି ପଦକ୍ଷେପ ନେଇଛନ୍ତି ।

# ଦିଲ୍ଲୀ-ଦିପୋତ୍ସବ

ପ୍ରଥମ ଥର ପାଇଁ, ଦିଲ୍ଲୀରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଅନୁଷ୍ଠିତ ଦୀପୋତ୍ସବ ଭଳି ବଡଧରଣର ଦୀପୋତ୍ସବ ପାଳନ କରାଯାଇଥିଲା। କାର୍ତ୍ତବ୍ୟ ପଥଠାରେ ଉତ୍ସବକୁ ଉଦ୍ଘାଟନ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଥିଲେ ଯେ ଆଜିର ଦୀପୋତ୍ସବ କେବଳ ଦୀପର ପର୍ବ ନୁହେଁ ବରଂ ଏକ ନୂତନ ଜାଗରଣର ଶୁଭାରମ୍ଭ। ସେ କହିଥିଲେ ଯେ ଦିଲ୍ଲୀ ଏକ ନୂତନ କାହାଣୀ ଲେଖୁଛି, ଯେଉଁଠାରେ ବିଶ୍ୱାସ ଏବଂ ଆଧୁନିକତା ସୁନ୍ଦର ଭାବରେ ମିଶ୍ରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଉତ୍ସବ ସମୟରେ ପ୍ରାୟ ଏକ ଲକ୍ଷ ଏକାବନ ହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ହଜାର ହଜାର ଡ୍ରୋନ୍ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ରାମାୟଣର ଦିବ୍ୟ ଗାଥାକୁ ପରିପ୍ରକାଶ କରିଥିଲେ।

# ରାଜନାଥ-ପୋଲିସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାର ଦିନ ପୁଲିସ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପୋଲିସ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ୧୯ ଅଣଷଠୀ ମସିହା ଅକ୍ଟୋବର ୨୧ରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

ସେହିଦିନ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଏକ ମିଳିତ ପରେଡ୍ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରୀୟ ସୁରକ୍ଷା ବଳ ମୁଖ୍ୟ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଚଳିତମାସ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୁଲିସ ସ୍ମାରକୀ ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଟ୍ରମ୍ପ ସରଭାଇଭାଲ ରିଟର୍ଣ୍ଣଡ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିବା ଏକ ବୁଡ଼ାଜାହାଜ ଉପରେ ଆମେରିକା ସେନାର ଆକ୍ରମଣରେ ୨ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସେମାନଙ୍କ ବିଚାର ଲାଗି ଇକ୍ୱେଡର ଏବଂ କଲମ୍ବିଆକୁ ପଠାଯିବ ବୋଲି ସେ କହିଛନ୍ତି । ଗତ ଗୁରୁବାର ଦିନ ଆମେରିକା ସେନାପକ୍ଷରୁ ନିଶାଦ୍ରବ୍ୟ କାରବାରରେ ଲିପ୍ତ ଥିବା ଏକ ବୁଡ଼ାଜାହାଜକୁ ଠାବ କରିଥିଲା । ସେନା ଆକ୍ରମଣରେ ସେଥିରେ ଥିବା ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣଙ୍କୁ ଆମେରିକା ସେନା ନିଜ ହେପାଜତକୁ ନେଇଥିଲା ।

## ଇଣ୍ଡିଆ-ଅଷ୍ଟ୍ରେଲିଆ କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଆଜିଠାରୁ ପର୍ଥରେ ଆରମ୍ଭ ହୋଇଥିବା ଏକଦିବସୀୟ କ୍ରିକେଟ୍ ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ୧୬ ଓଭର ୪ଟି ବଲ୍‌ରେ ୪ ଓ୍ୱିକେଟ୍ ହରାଇ ୫୨ ରନ୍ ସ୍କୋର କରିଛି । ବର୍ଷା ଯୋଗୁଁ ଖେଳ ବନ୍ଦ ରହିଛି । ପ୍ରଥମେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍‌ଡିଂ କରିବା ଲାଗି ନିଷ୍ପତ୍ତି ନେଇଥିଲା । ରୋହିତ ଶର୍ମା ୧୪ଟି ବଲ୍‌ରୁ ୮ରନ୍, ଶୁଭମନ ଗିଲ୍ ୧୮ଟି ବଲ୍‌ରୁ ୧୦ରନ୍, ଶ୍ରେୟାସ ଆୟାର ୨୪ଟି ବଲ୍‌ରେ ୧୧ରନ୍ ସଂଗ୍ରହ କରିଥିବାବେଳେ ବିରାଟ କୋହଲି କୌଣସି ରନ୍ ନକରି ଆଉଟ୍ ହୋଇଯାଇଛନ୍ତି ।  ଅକ୍ଷର ପଟେଲ ୨୬ଟି ବଲ୍‌ରୁ ୧୪ ରନ୍ ଏବଂ କେ.ଏଲ୍. ରାହୁଲ ୧୦ଟି ବଲ୍‌ରୁ ୩ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଅଷ୍ଟ୍ରେଲିଆ ପକ୍ଷରୁ ଜୋସ୍ ହାଜଲଉଡ୍ ୨ଟି ଓ୍ୱିକେଟ୍ ନେଇଥିବାବେଳେ ମିଚେଲ ଷ୍ଟାର୍କ୍ ଓ ନାଥନ ଏଲିସ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି ।

## ମହିଳା କ୍ରିକେଟ୍ ବିଶ୍ୱକପ୍

ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପରେ, ଆଜି ମଧ୍ୟପ୍ରଦେଶର ଇନ୍ଦୋରର ହୋଲକର କ୍ରିକେଟ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ମ୍ୟାଚ୍ ଅପରାହ୍ନ ୩ଟାରେ ଆରମ୍ଭ

ହେବ। ଟୁର୍ଣ୍ଣାମେଣ୍ଟରେ ଲଗାତାର ଦୁଇଟି ପରାଜୟ ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ମହିଳା ଦଳ ପୁଣି ଥରେ ଟ୍ରାକକୁ ଫେରିବାକୁ ଚେଷ୍ଟା କରିବ। ଭାରତ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି, ଯେତେବେଳେ କି ଇଂଲଣ୍ଡ ସେମାନଙ୍କଠାରୁ ଠିକ୍ ଉପରେ ତୃତୀୟ ସ୍ଥାନରେ ଅଛି।

ଗତକାଲି ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର ପ୍ରେମଦାସା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନ ହୋଇ ପାରିବାରୁ କୌଣସି ଫଳାଫଳ ମିଳିନଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୫ ଓଭରରେ ୫ ୱିକେଟ ହରାଇ ୯୨ ରନ୍ କରିଥିଲା, ଯେତେବେଳେ ଦ୍ୱିତୀୟ ଥର ବର୍ଷା ବାଧା ଯୋଗୁଁ ଖେଳ ବନ୍ଦ ହୋଇଗଲା। ଫାତିମା ସାନାଙ୍କ ନେତୃତ୍ୱାଧୀନ ପାକିସ୍ତାନ ଏହି ବିଶ୍ୱକପରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିପାରିନାହିଁ ଏବଂ ବର୍ତ୍ତମାନ ପଏଣ୍ଟ ଟେବୁଲର ତଳେ ରହିଛି।